ODM EDUCATIONAL GROUP
Changing your Tomorrow

# ODM PUBLIC SCHOOL

**SESSION : 3**
**CLASS : v**
**SUBJECT : (ଓଡ଼ିଆ)**
**CHAPTER NUMBER:06**
**CHAPTER NAME: ମାନିଆରୁ ମାଡାମ କ୍ୟୁରୀ**
**SUBTOPIC : ବିଷୟ ଆଲୋଚନା ଓ ଶବ୍ଦାର୍ଥ**

CHANGING YOUR TOMORROW
Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

# LEARNING OBJECTIVE

ପ୍ରତିକୂଳ ପରିସ୍ଥିତିରେ ମାନିଆଙ୍କ ପାଠପଢ଼ା ବିଷୟରେ ଜାଣିବା ।

# ମାନିଆରୁ ମାଡାମ କ୍ୟୁରୀ ।

ଶୈଳେଶ ଚନ୍ଦ୍ର ପଟ୍ଟନାୟକ

କିଛି ଦିନ ପରେ ମାଆ ଯକ୍ଷ୍ମା ରୋଗରେ ପୀଡ଼ିତା ହୋଇ ଚାକିରି ଛାଡିଲେ । ବାପାଙ୍କର ସ୍ୱଳ୍ପ ଆୟରେ ପରିବାରଟି କଷ୍ଟେମଷ୍ଟେ ଚଳିଲା । ଘରକାମ,ରନ୍ଧାବଢ଼ା ଓ ମାଆଙ୍କର ସେବାରେ ମାନିଆଙ୍କର ବହୁ ସମୟ ଗଲା । ତଥାପି ସେ ସମୟ ସଞ୍ଚୟ କରି ପାଠ ପଢୁଥାନ୍ତି । କାରଣ ପାଠପଢାରେ ତାଙ୍କର ଭାରି ମନ । ମାନିଆଙ୍କର ସ୍ମୃତିଶକ୍ତି ଥିଲା ଅସାଧାରଣ । ସେ କୌଣସି କବିତାକୁ ଦୁଇଥର ପଢିଦେଲେ ଆମୂଳଚୂଳ ମନେରଖି ନିର୍ଭୁଲଭାବେ ଆବୃତ୍ତି କରିପାରୁଥିଲେ । ସେ ବହି ଖଣ୍ଡିଏ ପଢିବାବେଳେ ସେଥିରେ ଏଭଳି ମଜ୍ଜି ଯାଉଥିଲେ ଯେ,ତାଙ୍କ ଚାରିପଟେ କ'ଣ ଘଟୁଛି,ସେକଥା ସେ ଜାଣିପାରୁ ନ ଥିଲେ । ତାଙ୍କର ଅନ୍ୟ ଭାଇଭଉଣୀମାନେ ନାଚିକୁଦି ଡେଇଁ ଘର କଂପାଉଥିବାବେଳେ ସେ ଏକାଗ୍ର ଭାବରେ ଗୋଟିଏ ସ୍ଥାନରେ ବସି ପଢୁଥିଲେ । ଦିନକର ଘଟଣା । ମାନିଆ ତାଙ୍କ ଛୋଟ ଘରଟିରେ ବସି ଗୋଟିଏ ବହି ପଢୁଛନ୍ତି । ବହିର ପୃଷ୍ଠା ବ୍ୟତୀତ ଅନ୍ୟ କୌଣସିରେ ଧ୍ୟାନ ନାହିଁ । ତାଙ୍କ ଭାଇଭଉଣୀମାନେ କୌତୁକ ଦେଖିବା ପାଇଁ ତାଙ୍କ ଚାରିପଟେ ଓ ତାଙ୍କ ମୁଣ୍ଡ ଉପରେ

# କଠିନ ଶବ୍ଦର ଅର୍ଥ

ସ୍ୱଳ୍ପ –ଅଳ୍ପ
ଆୟ –ରୋଜଗାର
ସଞ୍ଚୟ –ସାଇତିବା
ସ୍ମୃତିଶକ୍ତି –ମନେରଖିବା ଶକ୍ତି
ଅସାଧାରଣ –ସ୍ୱତନ୍ତ୍ର
ଆମୂଳଚୂଳ –ଆରମ୍ଭରୁ ଶେଷ ଯାଏଁ
ଏକାଗ୍ର –ଏକ ଧ୍ୟାନରେ
କୌତୁକ –ମଜା

# ମାନିଆରୁ ମାଡାମ କ୍ୟୁରୀ

ODM EDUCATIONAL GROUP
Changing your Tomorrow

ତଥାପି ମାନିଆଙ୍କର ସେଥିପ୍ରତି ନଜର ନାହିଁ । ଅଧଘଣ୍ଟା ପରେ ବହିଟି ପଢିସାରି ସେ ମୁଣ୍ଡ ଉଠାଇବା ବେଳକୁ ଚଉକିଗୁଡିକ ଦୁଲ୍ ଦାଲ୍ ପଡ଼ିଗଲା । ଭାଇଭଉଣୀମାନେ ସମସ୍ତେ ହସିଲେ,     ତାଙ୍କ ସହିତ ମାନିଆ ମଧ୍ୟ ହସି ପକାଇଲେ ।ମାନିଆଙ୍କୁ ଯେତେବେଳେ ମାତ୍ର ଦଶବର୍ଷ,ମାଆ ଇହଧାମ ତ୍ୟାଗ କରିଥିଲେ । ଦୁଇ ବର୍ଷ ପୂର୍ବରୁ ଟାଇଫଏଡ ରୋଗରେ ତାଙ୍କ ସବା ବଡ଼ ଭଉଣୀ ଯୋସିଆର ମୃତ୍ୟୁ ହୋଇଥିଲା । ଘର କାମର ଦାୟିତ୍ୱ ଏଣିକି ବଢିଗଲା ।ତଥାପି ସେ ପଢୁଥାନ୍ତି।  ସେ ପଢିଲେ ଯେ ପଢିଲେ । ସ୍କୁଲର ପଢା ବହି ତାଙ୍କୁ ଅଣ୍ଟିଲା ନାହିଁ ।ଉପର ଶ୍ରେଣୀରେ ପଢୁଥିବା ବଡ଼ଭଉଣୀ ବ୍ରନିଆର ବହି ପଢି ସେ ଶେଷ କରିଦେଲେ । ତା'ପରେ ଆଲମାରି ଥାକରୁ ଖଣ୍ଡଖଣ୍ଡ ବହି କାଢି ପଢି ପକାଇଲେ । ଶ୍ରେଣୀରେ ତାଙ୍କ ସ୍ଥାନ ସବୁବେଳେ ପ୍ରଥମ । ଶେଷ ମାଧ୍ୟମିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ସେ ସ୍ୱର୍ଣ୍ଣପଦକ ଲାଭ କଲେ । ଏହି ଗୌରବରେ ପିତାଙ୍କର ହୃଦୟ ଫୁଲିଉଠିଲା । ସେ କହିଲେ,'ହାୟ,! ଦୁଃଖିନୀ କନ୍ୟାର ଏହି ଗୌରବ ଦେଖିବାକୁ ଆଜି ତା'ର ସ୍ନେହମୟୀ ମାତା ଥାଆନ୍ତେ କି !'

# କଠିନ ଶବ୍ଦର ଅର୍ଥ

ନଜର –ଲକ୍ଷ୍ୟ
ଇହଧାମ –ମୃତ୍ୟୁ ବରଣ
ସର୍ବାଧିକ –ସବୁଠାରୁ ଅଧିକ
ଗୌରବ –ଯଶ,ଖ୍ୟାତି

ODM EDUCATIONAL GROUP
Changing your Tomorrow

# ଗୃହକର୍ମ

ପଠିତାଂଶରୁ ବିପରୀତ ଶବ୍ଦ ବାଛି ଲେଖ ।

# LEARNING OUTCOME:

ବିଷୟ ଆଲୋଚନା ମାଧ୍ୟମରେ ଜ୍ଞାନ ହାସଲ ।

# THANKING YOU

# ODM EDUCATIONAL GROUP